ହନୁ ଅର୍ଜୁନ କଳି ।

ଚଳପା ପୁରା ଫଳ ।



ପ୍ରଣବ୍ ଦୃଷ୍ଟମଞ୍ଜରୀ ।

ଏହା ତେଲଙ୍ଗର ଓ ବଙ୍ଗଦେଶର ଉଦାହରଣରୁ ଓଡ଼ିଆ ଅନୁବାଦ ଇତିପୂର୍ବେ ଏହି ପୁସ୍ତକ ପ୍ରଶସ୍ତ ମଞ୍ଜରୀ ନାମରେ ଦୁଇଥର ମୁଦ୍ରଣ ହୋଇ ବିକ୍ରୟ ହୋଇଥିଲା । ଏବେ ତାହା ଶେଷ ହୋଇ ଥିବାରୁ ଅନେକ ଗ୍ରାହକମାନେ ତତ୍ପର ଅବହିତ କରି ଅପ୍ରାପ୍ତ ହେବାରୁ କାରଣ ହେଉଥିବା ଦେଖି ଆମ୍ଭେ ଖୋର୍ଦ୍ଧା ଯଦୁପୁର ନିବାସୀ ବୈଷ୍ଣବ [illegible] ନରପତିଙ୍କ ଦ୍ୱାରା ଉକ୍ତ ଉଦାହରଣରୁ ଅବିକଳ ଅନୁବାଦ କରାଇ ପ୍ରକାଶ କରିଅଛୁଁ । ପୁଣି ପ୍ରଶସ୍ତ ମଞ୍ଜରୀର ପୂର୍ବସଂସ୍କରଣ ମାନଙ୍କରେ [illegible] ଅତିରିକ୍ତ ବାହୁଲ୍ୟତା ହେବାରୁ ସ୍ଥାନେ ଅଶ୍ଳୀଳ [illegible] ବ୍ୟବହାର ହେବାରୁ ବର୍ତ୍ତମାନ ସେ ସମସ୍ତ ପରିହାର ପୂର୍ବକ [illegible] ଅବିକଳ [illegible] ଉର୍ଦ୍ଧ୍ୱେ ଓ ମୂଳଭାବରୂପେ ଅନୁବାଦ କରାଇଅଛୁଁ [illegible] ପଢ଼ିବାକୁ ଏପରି ରୁଚିକର ଯେ ପୁସ୍ତକଖଣ୍ଡି ପଢ଼ିବାକୁ ଆରମ୍ଭ କଲେ କେବେ ତାହାର ଶେଷସୀମା ପର୍ଯ୍ୟନ୍ତ ପିତ୍ତାନ୍ତ [illegible] ରହିଥାଏ । ପୁଣି ସଂସାରର ଯେଉଁ ବିଷୟମାନ ଜାଣିବାକୁ ଆବଶ୍ୟକ ଏବଂ ଯାହାଁରେ ଭବିଷ୍ୟତ ଜୀବନରେ ଅନେକ ଉପକାର ସାଧିତ ହୋଇପାରେ ସେପରି ବିଷୟମାନ ଏହି ପୁସ୍ତକରେ ସନ୍ନିବେଶିତ ହୋଇଅଛି । ପାଠକମାନଙ୍କର ସୁବିଧା ନିମିତ୍ତ ଅନୁବାଦ ଓ ମୁଦ୍ରାଙ୍କନର ବ୍ୟୟ ପ୍ରତି ଦୃଷ୍ଟି ନ ରଖି ଏହାର ମୂଲ୍ୟ ୧ ୦ ? ଅଣା ମାତ୍ର ଧାର୍ଯ୍ୟ କରିଅଛୁଁ । ପାଠକମାନଙ୍କର ଏପରି ଆଦର [illegible] ଶ୍ରମ ଓ ଅର୍ଥ ବ୍ୟୟ ସଫଳ ମଣିବୁଁ ।

ପ୍ରକାଶକ ଶ୍ରୀ ଶୁକଦେବ ସାମ୍, ବାଙ୍କାବଜାର—କଟକ ।

Printed by A. H. Seth, at the U. P. W[illegible]

CUTTACK.

1927.

ହନୁ ଅର୍ଜୁନ କଳି ।



ରାଗ—ଶଙ୍କରାଭରଣ ।

ଶ୍ରୀମହାଭାରତ ଯୁଦ୍ଧ ଶେଷରେ ଅର୍ଜୁନ ।
ସମୁଦ୍ରକୁ ସ୍ନାନ ପାଇଁ କଲେକ ଗମନ ।
ବାଟେ ହନୁକୁ ଭେଟିଲେ ।
ମୁଖକୁ ଅନାଇ ଶର ଅଳପ ହସିଲେ । ୧ ।
ତାହା ଦେଖି କୋପଭରେ ବୋଲେ ହନୁମନ୍ତ ।
କିପାଇଁ ହସିଲୁ ମୋତେ ଦେଖିକିଭ ପାର୍ଥ ।
ମୋର ପ୍ରତିଜ୍ଞା ନ ଜାଣୁ ।
ବାନର ଶବର ବୋଲି ମୋତେ ପରିମଣୁ । ୨ ।
ଏ ତିନିଭୁବନେ ମୋତେ ନାହିଁ ସମସର ।
ମେରୁ ମନ୍ଦର ଅଦ୍ରି ମୁଁ ପାରେ ଧୂଳ କର ।
ମୋର ମହିମା ଏମନ୍ତ ॥
ଧନୁଶର ଧରି ତୋର ପ୍ରତିଜ୍ଞା କହନ୍ତ । ୩ ।
ତ୍ରେତାଯୁଗ କଥା କିଛି ନାହିଁ କରେ ଶୁଣି ।
ସପତ ସମୁଦ୍ର ମୁଁ ଲଙ୍ଘି ଗଲି ଛଣି ।
ଶ୍ରୀରାମଙ୍କ କାର୍ଯ୍ୟ କଲି ।
ଶୀଏଦୂଣ ଶୂନ୍ୟପଥ ପନ୍ତକେ ଅଇଲି । ୪ ।
ଲଙ୍କାରେ ପଶି ମାଇଲି ଶୁକ ମୁହିଁ ପାର୍ଥ ।
ଲଙ୍କାପୋଡ଼ା ନାମ ମୋର ବଢ଼ିଯାଜାନ୍ତ ।
ମୋତେ ନଜାଣିଲୁ କି ପାର୍ଥ ।
ଶ୍ରୀ ହସ୍ତେ ମାଇଲି ମୁଁ ଗର୍ବଣ ନନ୍ଦନ । ୫ ।
ଦୀତାଙ୍କୁ ଯେ ଠାବ କରି ମାଇଲି ଅସୁରେ ।
ମଧୁବନ ତୋଡ଼ି ମୁଁ ଯେ କଲି ଲାଭଖାର

ମୋର ମନ୍ଦମା ଏମନ୍ତ ।
ଧନୁଶର ଖଣ୍ଡେ ଧରି ପ୍ରତିଜ୍ଞା କରୁତ । ୬ ।
ହନୁବାକ୍ୟ ଶୁଣି କୋପେ ବୋଲଇ ଅର୍ଜୁନ ।
ଏବେ ପ୍ରତିଜ୍ଞା ଭୁଦ କରୁ କ କାରଣ ।
ମୋର ସଙ୍ଗେ ଯୋଦ୍ଧୁ ଧର ।
ନବ [illegible]ନ ଧନୁରେ ଧରିଲୁ ବସୁନ୍ଧରା । ୭ ।
ଏ ଅସ୍ତ୍ର ପାଶୁପତ ଶର କରେ ଥିଲେ ।
ଖଣ୍ଡପର୍ବ ନାହିଁ ମୋତେ ଏ ସମସ୍ତରେ ।
ଭୁ ହୋ ଶୁଣ ହନୁମନ୍ତ ।
ମୋହ[illegible] ସ୍ଥଳକୁ ଛକୀ ନେଇବୁ ସାନରଥ । ୮ ।
ଏ ବଚନ ଶୁଣି କୋପେ ହନୁମନ୍ତ ବୋଲେ ।
ତୋହରି ଶ୍ରୀଫଳ ଏଣୀ କେମନ୍ତେ ନୋହଲେ ।
ମୋ[illegible] ଶରୀରର ବାନା ।
ଶୂନ୍ୟରେ ଉଡଇ ମୋର ନାହିଁ ପଶୀ ତେଣ । ୯ ।
ନମନ୍ତୁ ନନ୍ଦର ଶିର ମୁଁ ଛେଦନେ ଶର ।
ଶଙ୍କର ଉପରେ ମୁହିଁ ଅଟେ ମହାବୀର ।
ଛକୀ ଭୂଜରେ କହନ ।
ଶରଣ ଭଗଣି ମୋର ନାମ ନଟୋତ୍ତମ । ୧୦ ।
ଶ୍ରୀମଦ୍ଭାଗବତ ଦୁଦେ ଲତେ ରଜା ଥିଲେ ।
ସମସ୍ତ [illegible]ଳିଲ ମୁହିଁ ଦେଖିଅଛୁ ହେଲେ ।
କୃଷ୍ଣ ଦାଢେ ମୋଦର ।
ଦ୍ୱାପରଯୁଗର ଛକୀ କୃଷ୍ଣ ମୋତେ ଦାଢ । ୧୧ ।
ଅର୍ଜୁନ ବୋଇଲେ ଅରେ ଶୁଣ ହନୁମନ୍ତ ।
ସମସ୍ତ ନାହଣ ମୁଁ ଯେ ଜଳ ବେଲିଛ
ପ୍ରଭୁ ଗୋବିନ୍ଦ ନାଟିଲ ।
ତାହାଙ୍କ ନାହଣ ପତ୍ୟଞ୍ଜନା ଉଦ୍ଧାରିଲ । ୧୨ ।
ଏମନ୍ତ ଉତ୍ତରକୁ ଦେଉ ଅର୍ଜୁନ ।
କ୍ରୋଧେ ନାହିଣ ତୋର କେଉଁ ଦର୍ପଣ ।

କମାଟେତ ସାମାନ୍ୟ ଦେଖିଲୁ ।
ସେ ସିଂହ ମାଇଲୁ ବୋଲୁ କମାଟେତ କ ମାଇଲୁ । ୧୩ ।
ହନୁ ବାକ୍ୟ ଶୁଣି କୋପେ ବୋଲଇ ବିଜୟ ।
ବାନର ଶରୀର ତୋର ଜ୍ଞାନ ନାହିଁ କିଛି ।
ମୋତେ ମାର ଦେଉ ପୁଣି ।
ଏକା ବାଣକରେ ତୋର ନେବ ମୁଁ ପରାଣ । ୧୪ ।
ହନୁ ଅର୍ଜୁନ ମୁହେଁ କଟାକ୍ଷଣ କଲା ।
ଅହାଇ ପିଣ୍ଡର ବାଟେ ବହେଲେ ଅଂଶୁମାଳୀ ।
ପୁଣ କହଇ ଅର୍ଜୁନ ।
ତୁ ଶୁଣ ମୂଢ଼ ବାନର କରୁ ଗର୍ବମାନ । ୧୫ ।
ହନୁମନ୍ତ କୋପେ ବୋଲେ ଶୁଣ ଅରେ ନର ।
ଚଟ ତ ବାନ୍ଧି ମୁଁ ବାନ୍ଧିଥିଲି ସିନ୍ଧୁବନ୍ଧ ।
ବନ୍ଧ ଶଂପୂର୍ଣ୍ଣ ଯାଏ ।
ସାର୍ଦ୍ଧ ଦ୍ରୁତ ଓଡ଼ାର ତା କଳନା ନ ଯାଏ । ୧୬ ।
ଅର୍ଜୁନ କହଇ କୋପେ କମ୍ପାଇ ଅଧର ।
ଅନେକ ସେ ଭୃତ୍ୟକପି ବାନ୍ଧିଲେ ସାଗର ।
ଏକା ବାନ୍ଧି ନାହିଁ ତୁହି ।
ଶରରେ ସାଗର ଏକା ବାନ୍ଧିପାରେ ମୁହିଁ । ୧୭
ଅର୍ଜୁନ ବଚନେ କହେ ଅଞ୍ଜନା ନନ୍ଦନ ।
ଶରରେ ସାଗର ଦେଖି କର ତୁ ବନ୍ଧନ ।
ଶୁଣି ଯୁଧିଷ୍ଠି କନିଷ୍ଠ ।
ହନୁକୁ ଯେଣଣ ସେ ଶମଇ ଦିଗନ୍ତେ । ୧୮ ।
ଶ୍ରୀ ଜଗନ୍ନାଥଙ୍କୁ ପାର୍ଥ ସ୍ମରଣ କଲା ।
ଶ୍ରୀ ଗୁରୁ ସ୍ମରଣ ପାର୍ଥ ଗାଣ୍ଡିବ ଧଇଲା ।
ଧନୁ ଟଙ୍କାର କରନ୍ତେ ।
ଅଗ୍ନିକୁ ଶରକୁ ମନ୍ତ୍ରି ବସାଇଲା ଗୁଣ । ୧୯ ।
ଆକର୍ଣ୍ଣ ପୂରାଇବାଣ ଛାଡ଼ନ୍ତେ ଅର୍ଜୁନ ।
ସମୁଦ୍ରର ଜଳ ସବୁ ହୋଇ ଉଲ୍ଲ ଘନ ।

ଶରେ ଶର କରି ବୃଷ୍ଟି ।
ସ୍ୱର୍ଗରେ ଶୁଭିଲା ସାଧୁ ସାଧୁ ଶବ୍ଦଟି । ୧୦ ।
ଶର ଦେଇ ସାଗରର ବନ୍ଧ ଯେ ବାନ୍ଧିଲା ।
ତାଟଳକ ପ୍ରମାଣ ବନ୍ଧ ଉତ୍ସର୍ଗ ହୋଇଲା ।
ଦେଖି ବୋଲେ ହନୁବୀର ।
ବନ୍ଧର ଉପରେ ଚଳି ଯିବଇଁ ତୋହର । ୧୧ ।
ମୋହର ବନ୍ଧରେ ଚଳିଗଲେ ସୈନ୍ୟଦଳ ।
ମୁହିଁ ଚଳନ୍ତେ ଏ ବନ୍ଧ ରହିବ କି ତୋର !
ହନୁଁ ଏମନ୍ତ ଶୁଣିଲା ।
ଶ୍ରୀ ଜଗନ୍ନାଥଙ୍କୁ ପାର୍ଥ ସ୍ମରଣା କଲା । ୧୨ ।
ଅନ୍ତରରେ ପାର୍ଥ ତାଙ୍କୁ ସ୍ମରଣ କରନ୍ତେ ।
ଅନ୍ତର୍ଯ୍ୟାମୀ ଠାକୁର ସେ ଜାଣିଲେ ନିଶ୍ଚିତେ ।
ଅନ୍ତରୁ ନ ଗଲେଟି ଅଜ ।
ହନୁଠାରେ ଅର୍ଜୁନ ପାଇବ ବଡ ଲାଜ । ୧୩ ।
ମନରେ ବିଚାର କଲେ ପ୍ରଭୁ ଅଦକଜ ।
ହନୁଭର କେମନ୍ତେ ସହିବ ଶରବନ୍ଧ ॥
ମଣି ନାଗ ନ ସହିଲା ।
ହନୁର ଭରରେ ବୁଡ଼ି ବୁଡ଼ି ନ ବୁଡ଼ିଲା । ୧୪ ।
ଏମନ୍ତେ ବିଚାରି ମନେ ପ୍ରଭୁ ଜଗନ୍ନାଥ ।
ବନ୍ଧତଳେ ପଶିଲେ କଲେ ବ୍ରହ୍ମାଣ୍ଡ ଗୋସାଇଁ
ଦେହ୍ମନସି ରୂପ ଧରି ।
ସେହୁ ବନ୍ଧତଳେ ପଶି କଲେକ ଗୁହାର । ୧୫ ।
ହନୁକୁ ଦେଖାଇ କୋପେ ବୋଲଇ ଅର୍ଜୁନ ।
ଥାଉଟି ସୈନ୍ୟ ଶୁଣିଲି ମଧ୍ୟ ଚଳନ୍ତୁ ଗମନ ।
ହନୁଁ ଏମନ୍ତ ଶୁଣିଲା ।
ମହାବଳ ରୂପ ଧରି କାନ୍ଧୁ ବଢାଇଲା । ୧୬ ।
ଏକ ଏକ ରୋମେ ଗିରି ବାନ୍ଧ ସାଗରର ।
ଚମକି ବସିଲା ଶଙ୍ଖ କନ୍ଧର ଉପର ।

ସିଂହଳରୁ ଶର ଦେଇ
ଶରବନ୍ଧ ପରେ ତେଇଁ ସଡ଼ୁଲାଇ ଯାଇଁ । ୨୭ ।
ସେହି ବନ୍ଧ ତଳେ ଥିଲେ ପ୍ରଭୁ ସ୍ୱଚକ୍ରାସ୍ତ୍ର ।
ହନୁମନ୍ତ ଦେହ ଭର ନ ପାରିଲେ ସହି ।
ମୁଣ୍ଡୁଁ ରୁଧିର ଗଳିଲା ।
ସମୁଦ୍ରର ଜଳ ସବୁ ରକତ ହୋଇଲା । ୨୮ ।
ଅର୍ଜୁନଙ୍କୁ ସୁହିଁ ବୋଲେ ପୁଚ୍ଛେ ହନୁମନ୍ତ
ସମୁଦ୍ରର ଜଳ କିପାଁ ହୋଇଲା ରକତ ।
ଶୁଣି ଅର୍ଜୁନ କହଇ ।
ଲୁଣିପାଣି ଲାଗନ୍ତି ହିଙ୍ଗୁଳ ଗଲା ଧୋଇ ୨୯ ।
ଅପାର କାଳର ସେ ପୁରୁଣା ଶଇ ଥିଲା ।
ଲୁଣିପାଣି ଲାଗନ୍ତେ ହିଙ୍ଗୁଳ ଧୋଇଗଲା ।
ତହୁଁ ବୋଲେ ହନୁମନ୍ତ ।
ହିଙ୍ଗୁଳ ନୁହଇ ଏତ ଦିଶୁଛି ରକତ । ୩୦ ।
ହିଙ୍ଗୁଳ ବୋଲୁଣ ମୋତେ ଭଣ୍ଡାଉଛୁ ତୁହି ।
ପ୍ରଭୁଙ୍କ ରକତ ଏହା କାହାର ନୁହଇ
ଦେଖି ବୁଝିବା ତଦନ୍ତ ।
କେଉଁଠାରେ ଛନ୍ତି ପ୍ରଭୁ କମଳାର କାନ୍ତ । ୩୧ ।
ତତକ୍ଷଣେ ଶରବର ତେଇଁଣ ପଡ଼ିଲା ।
ଦ୍ରୋହକର୍ମ କଲି ବୋଲି ସନ୍ତାପ ହୋଇଲା ।
ବୋଲେ ହୋଇ କୃତ କୃତ ।
ରକ୍ଷରେ ମୋ ମୁଣ୍ଡ କାଟି ପ୍ରଭୁ ଜଗନ୍ନାଥ ୩୨
ନସ୍ତୁପଧାସ୍ତ ପ୍ରଭୁ କମଳାରମଣ ।
ଭକତ ବତ୍ସଳ ହରି ଦେବ ଭଗବାନ ।
ଭୁଜେ ଧର ଅଳିଙ୍ଗନ ।
ହନୁ ଅର୍ଜୁନଙ୍କୁ ସୁହିଁ କହିଲେ ବଚନ ୩୩ ।
ତ୍ରେତୟା ଯୁଗର ସଖୀ ଅଟଇ ହନୁମନ୍ତ ।
ଦ୍ୱାପର ଯୁଗରେ ସଖୀ ଅଟଇ ଶରପାର୍ଥ ।

ଭୁମ୍ଭେ ଦୁହେଁ ଏକଦେଶୀ ।
ତୁମ୍ଭର ସମାନ ଏ ବ୍ରହ୍ମାଣ୍ଡେ ନାହିଁ କେହି । ୩୪ ।
ଧନ୍ୟ ଅର୍ଜୁନ ଦୁହିଙ୍କି ପ୍ରବୋଧନା ଦେଲେ ।
ଶ୍ରୀକୃଷ୍ଣେ ଚରଣ ପଦ୍ମ ଯୋଡ଼ାହାତ କଲେ ।
ଦୁହେଁ ହୋଇଲେ ହରଷ ।
ଅନ୍ତର୍ଦ୍ଧାନ ହୋଇଗଲେ ପଦ୍ମ ପୀତବାସ । ୩୫ ।
ଧନ୍ୟ ଅର୍ଜୁନ ଦୁହେଁ ଗଲେ ନିଜପୁର ।
ଅଧମ କୃଷ୍ଣଦାସକୁ ରକ୍ଷ ଚକ୍ରଧର ।
ଦ୍ୱିଜ ଅର୍ଜୁନର କଳି ।
ଶୁଣି ପୃଥ୍ୱୀଜନେ ଯାଅ ପାପ-ପଙ୍କ ଦଳି । ୩୬ ।



ତୁଳସୀପୂଜା ଫଳ ।

ଶୁଣ ଗୋ ପାର୍ବତୀ ବୋଲି ବୋଲନ୍ତି ଶଙ୍କର । ଶୁକ ଯାହା କହିଥିଲେ ମୁନିଙ୍କ ଅଗ୍ରେ । ୧ । ସାବଧାନେ ଶୁଣ ତୁମ୍ଭେ ହେମବନ୍ତ-ଜେମା । ସର୍ବେ ଥାଇ ତୁଳସୀର କହିବା ମହିମା । ୨ । ସଂସାରକୁ ଯେ ତୁଳସୀ ପ୍ରଦକ୍ଷ କରଇ । ତାହାଙ୍କ ମହିମା ଶୁଣି ପାପ ନାଶ ହୁଏ । ୩ । ବ୍ରହ୍ମାଦି ସହିତେ ଦେବେ ଆନନ୍ଦ ହୁଅନ୍ତି । ସମସ୍ତେ କରନ୍ତି ପୂଜା ତୁଳସୀ ଆଦେଶ ॥ ପ୍ରତିଦିନେ ସବୁଲୋକେ ତୁଳସୀ ସେବନ୍ତି । ଧର୍ମ ଅର୍ଥ କାମ ମୋକ୍ଷ ସକଳ ଲଭନ୍ତି ॥ ତୁଳସୀର ବୃକ୍ଷ ଥାଇ ଯେତେକ ଠାବରେ । ବ୍ରହ୍ମା ବିଷ୍ଣୁ ଦେବ ଆଦି ଥାନ୍ତି ସେହିଠାରେ । ୬ । ତୁଳସୀ ବୃକ୍ଷର ମୂଳେ ମଧ୍ୟରେଣ ଜାଣ । ବ୍ରହ୍ମା ବିଷ୍ଣୁ ଶିବ ତହିଁ ଥାନ୍ତି ଯେ ବହିଣ । ୭ । ସାବିତ୍ରୀ ପାର୍ବତୀ ଲକ୍ଷ୍ମୀ ଶଚୀ ସରସ୍ୱତୀ । ସର୍ବଦେବ ଦେବୀ ଯେ ତୁଳସୀ ମୂଳେ ସ୍ଥିତି । ଇନ୍ଦ୍ର ଯେ ନୈଋତ ଅଗ୍ନି କୁବେର ବରୁଣ । ତାହାରେ ଯେ ଥାନ୍ତି ଚନ୍ଦ୍ର ଆଦିତ୍ୟ ପବନ । ୯ । ଅଷ୍ଟବସୁ ଚଣ୍ଡୀ ଦେବୀ ଶୁଦ୍ଧ ନବଗ୍ରହ । ବ୍ରହ୍ମାଦି ଯେ ଦେବଋଷି ସନନ୍ଦନ ଆଦ । ୧୦ । ସିଦ୍ଧ ବିଦ୍ୟାଧର ଯେ ଗନ୍ଧର୍ବ ଅଙ୍ଗୀରସ । ଏହାଙ୍କର ସର୍ବଦା

ତୁଳସୀ ମୂଳେ ବାସ । ୧୧ । ଦ୍ୱାରର ତୁଳସୀ ଯେ ସର୍ବ ଦେବ ମୂର୍ତ୍ତି
ଯେ ସନ୍ନିଧିରେ ଥାନ୍ତି ସର୍ବଦେବେ ଥାନ୍ତି ତହିଁ । ୧୨ । ଗଙ୍ଗା ଯେ
ଯମୁନା ଗୋଦାବରୀ ସରସ୍ୱତୀ । ଚନ୍ଦ୍ରଭାଗା ନର୍ମଦାଦି ତୀର୍ଥ ଯେତେକ
ଛନ୍ତି । ୧୩ । ଦ୍ୱାରର ଶୋଭରେ ଯେ ଅଟନ୍ତି ପୁଷ୍କର । ଏ ଭାରତରେ
ଯେତେକ ତୀର୍ଥ ତୁଳସୀ ମୂଳରେ । ୧୪ । କୋଟି କୋଟି ବ୍ରହ୍ମାଣ୍ଡରେ ଯେତେକ
ତୀର୍ଥଛନ୍ତି । ସମସ୍ତଙ୍କର ତୁଳସୀ ମୂଳରେ ଅଛି ସ୍ଥିତି । ୧୫ । ତୁଳସୀକି
ଭକ୍ତିଭାବେ ଯେ ପୂଜା କରଇ । ବ୍ରହ୍ମା ବିଷ୍ଣୁ ଶିବ ସେବା ସେହୁ ଫଳ
ପାଇ । ୧୬ । ତୁଳସୀ ମୂଳରୁ ଯେହୁ ବାଛିଦେଇ ଘାସ । ବ୍ରହ୍ମହତ୍ୟା
ଆଦି ପାତକ ତା ଯାଏ ନାଶ । ୧୭ । ସଧୀରେ ଶୀତଳ ଜଳ ତୁଳସୀରେ
ଦେଇ । ପାଦକାଣ୍ଡି ସେହୁ ସ୍ୱର୍ଗପୁରରେ ବସଇ । ୧୮ ।
କାଳାବାସ ପ୍ରତ୍ୟୁଷରେ ଯେ ତୁଳସୀ ପୂଜନ୍ତି । ତାର ଘରେ ଲକ୍ଷ୍ମୀ ଦେବୀ
ନିଶ୍ଚଳେ ରହନ୍ତି । ୧୯ । ତୁଳସୀ ମୂଳ ସ୍ଥଳେ ଯେ କରଇ ମାର୍ଜନା ।
ସେତେ କଳ୍ପ ସ୍ୱର୍ଗେ ବସେ ଧୂଳି ଯେତେକ କଣା । ୨୦ । ସନ୍ଧ୍ୟାରେ
ତୁଳସୀ ମୂଳେ ଦୀପ ଯେ ଦିଅଇ । କୋଟିକୁଳ ଯେନ ସେହୁ ସ୍ୱର୍ଗରେ
ବସଇ । ୨୧ । ଯେ ଲୋଚେ ତୁଳସୀ ଚେରୁ ବାଳକ ଉଦ୍ଧରୁ । ତାହାକୁ
ରଖନ୍ତି ହରି ସର୍ବ ଆପଦରୁ । ୨୨ । ଯେହୁ ପୁଣ୍ୟବନ୍ତ ଜନ ଜନ୍ମାଏ
ତୁଳସୀ । ଅନ୍ତେ ଯାଏ ବୈକୁଣ୍ଠଲୋକେ ସର୍ବପାପ ନାଶି । ୨୩ । ସ୍ୱର୍ଗରୁ
ଝରିଣ ଯେ ତୁଳସୀ ମୁଣ୍ଡେ ପଡ଼େ । ଶ୍ରୀହରିଙ୍କ ଦର୍ଶନ ସେ ଜଳ ଫଳ
ପାଏ । ୨୪ । ଭକ୍ତିଭାବେ ତୁଳସୀକି କଲେ ନମସ୍କାର । ଚତୁର୍ବର୍ଗ
ଫଳ ପାଏ ହୋଏ ବୈକୁଣ୍ଠର । ୨୫ । ସର୍ବଦା ତୁଳସୀ ନାମ ଯେଉଁ
ଯେ କୀର୍ତ୍ତନ । ବ୍ୟାଧି ନ ଥାଇ ପାପ ହୁଅଇ ଦହନ । ୨୬ । ସର୍ବଦା
ତୁଳସୀ ଧ୍ୟାନ କରଇ ଯେ ଅନ୍ତର । ତୁଳସୀ କଣ୍ଠ ମାଳାକୁ ଧରଇ
ଗଳାରେ । ପଶାରିରେ ଯେ ବୈଷ୍ଣବ ବୋଲନ୍ତି ତାହାକୁ । ୨୭ । ସର୍ବପାପ
ନାଶି ମୁକ୍ତ ଯାଏ ବୈକୁଣ୍ଠକୁ । ୨୮ । ତୁଳସୀ ମୂଳ ଜଳ ଯେ ଶିରରେ
ଦେନଇ । ସେ ପ୍ରତ୍ୟକ୍ଷେ ଗଙ୍ଗାସ୍ନାନ ଫଳକୁ ଲଭଇ । ୨୯ । ତୁଳସୀ
କି ପୂଜଇ ଯେ ନାନା ଉପଚାରେ । ହରିଙ୍କ ପ୍ରୀତି ଫଳ ପାଏ ସେ
ବୈକୁଣ୍ଠରେ । ୩୦ । ଯେ ଗନ୍ଧ ଚନ୍ଦନେ ତୁଳସୀକୁ ପୂଜା କରେ ।
ସେ ସକଳ ପାପ ନାଶି ବସେ ବୈକୁଣ୍ଠରେ । ୩୧ । ହୃଦୟରେ

ରଶୀ ଲଗାଇବ । ଚତୁର୍ବର୍ଗ ଫଳ ହେତୁ ଅବଶ୍ୟ
ସ ବ୍ରତ ପୂଜା । ଶ୍ରୀହରି ବଚନ । ସଫଳ ନୁହଇ
ତ ଯୋଗେଣ ଜନା । ୩୩ । ତୁଳସୀ ନ ସେବ ଯେତେ କର୍ମ ଯେ
କରଇ । ପ୍ରସନ୍ନ ନୁହନ୍ତି ହରି ନିଷ୍ଫଳ ସେ ହୋଇ । ୩୪ । ଯାହା
ଘରେ ନାମ ଯେ ଧରଇ ତୁଳସୀର । ସର୍ବକାଳ ସୁଖ ସୁଏ ମନ
ବାଞ୍ଛା ତାର । ୩୫ । ଯେଉଁ ପାପୀ ପକାଏ ତୁଳସୀ ଉପାଡ଼ିଣ । ଚତୁ-
ର୍ବର୍ଗ ଫଳ ନାଶ ହୁଅଇ ସେହିକ୍ଷଣ । ୩୬ । ତୁଳସୀର ମୂଳେ ବସ୍ତ୍ରା
[illegible] ଯେ କରଇ । ଉଚ୍ଛିଷ୍ଟ ପକାଇଣ ସେ ନର୍କ ଗତି ହୋଇ । ୩୭ ।
ଯେଉଁ ଜନ ତୁଳସୀକୁ ନମସ୍କାର କରି । ଦେବ ପୂଜା ଅର୍ଥେ ଦେ
ତୋଳଇ ତାହାର । ୩୮ । ବୋଲଇ ତୁଳସୀ ନାହିଁ ମୋର ନାହ
ଦୋଷ । ତୁମ୍ଭ ତନୁ ଶ୍ରୀହରି ନୁହନ୍ତି ଅଟେ ତୋଷ ॥ ଚକ୍ର ଛିନ୍ନାନ୍ତେଣ
ଦୁଃଖ ହୋଇବ ତୁମ୍ଭର । ଦୋଷ ନାହିଁ ଅପରାଧ କ୍ଷମା
କର ମୋର ॥ ଏମନ୍ତ କହିଣ ତନୁ ତାଳ ଯେ ମାରିବ । ତୁଳସୀର
ପତ୍ର ଥିର କରିଣ ତୋଳିବ । ୪୧ । ଔଷଧ ତୋଳନ୍ତେ ଯେବେ
ଡାଳ ଭଙ୍ଗି ନାଇ । ନାରାୟଣଙ୍କ ଶରୀରେ ବ୍ୟଥା ଜାତ ହୋଇ । ୪୨ ।
ତୁଳସୀ ମହିମା ଯେ କହନ୍ତି ଶୁକମୁନି । ପରୀକ୍ଷିତ ଶୁଣୁଛନ୍ତି ହୋଇଣ
ଧ୍ୟାନୀ । ୪୩ । ପୂଜାବିଧି ଯେତେ ତୁମ୍ଭେ କହିଲ ହେ ଶୁଣ ଏଥିରୁ
ଅନ୍ୟ କର୍ମ ନ ଯୋଗାଇ ପୁଣ । ୪୪ । ଏ ତୁଳସୀ ମହିମା ଯେ ଭକ୍ତିରେ
ଶୁଣଇ । ସର୍ବ ପାପ ଖଣ୍ଡି ଯାଇ ବୈକୁଣ୍ଠେ ବସଇ । ୪୫ । ଅତେବ
ପ୍ରତିଦିନ ଲୋକେ ତୁଳସୀ ପୂଜିବ । ତୁଳସୀ ପୂଜିଲେ ତନୁ ଦେବଙ୍କୁ
ପାଇବ । ୪୬ । ଧନ ଜନ ବଢ଼ଇ ସେ ପାଇ ମୋକ୍ଷପଦ । ଜ୍ଞାନ
ଛିଡେ୍ୟ ବଢ଼ୁଥାଏ ହୋଏ ଶୁଦ୍ଧ ଦେହ । ୪୭ । ତୁଳସୀ ଚରଣେ ନରେ
ଲାଗିଲେ ଯେତେ । ଯେତେ ଲୋକ ଶଣ ଯାଇ ବୈକୁଣ୍ଠକୁ ଯିବ । ୪୮ ।
ଶ୍ରୀ ତୁଳସୀ ଦେବୀଙ୍କର ଅଙ୍ଗ ଚରଣାମୃତ ଦାସ ଭକ୍ତ୍ୟେ ପଣିଲେ
ଶିରେଷ ।

ଇତି ଶ୍ରୀ ତୁଳସୀ ମହିମା ବର୍ଣ୍ଣନା ସମାପ୍ତ ।